# ତହସିଲ କାର୍ଯ୍ୟାଳୟ ରେଙ୍ଗାଲି, ଜିଲ୍ଲା - ସମ୍ବଲପୁର

*Misc. Case No. 05/2023*

## ସର୍ବସାଧାରଣ ନୋଟିସ

COURT OF THE TAHASILDAR * RENGALI *

*ନୋଟିସ ନଂ.* 762 *ତାରିଖ:* 23/05/2023

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା **ଠେଲକୋଲୋଇ** ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମି କୁ ଇଡକୋ କର୍ତ୍ତୃପକ୍ଷ ଭୁବନେଶ୍ୱର (ଓଡିଶା), ଶିଳ୍ପ ପ୍ରତିଷ୍ଠା ଏବଂ ସଂବନ୍ଧ ଗତିବିଧିର ସ୍ଥାପନା ସକାଶେ ଲ୍ୟାଣ୍ଡ ବ୍ୟାଙ୍କ ନିମନ୍ତେ ଲିଜ ପାଇଁ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଛନ୍ତି। ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମିର କିସମ **"ଜଳଭଣ୍ଡାର"** ଥାଇ ସରକାରୀ **"ଆବାଦ ଯୋଗ୍ୟ ଅନାବାଦୀ"** ଖାତା ଅନ୍ତର୍ଭୁକ୍ତ ରେକର୍ଡ ଥିବାରୁ ଉକ୍ତ ଜମିକୁ ଆବେଦନକାରୀ ଙ୍କ ନାମରେ ହସ୍ତାନ୍ତର କରିବା ପାଇଁ କିସମ ପରିବର୍ତ୍ତନ **"ଜଳଭଣ୍ଡାର"** ରୁ **"ପତିତ"** ଆବଶ୍ୟକ ପଡୁଅଛି ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର) ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କର କାର୍ଯ୍ୟାଳୟରେ ଲିଖିତ ଆକାରରେ ଟ.୨୦/- କୋର୍ଟ ଫି ସହିତ ଅଭିଯୋଗ ଦେବାପାଇଁ ଅନୁରୋଧ କରାଯାଉଅଛି । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

***ତଫସିଲ ଭୁକ୍ତ ଜମି***

| ମୌଜା | ଖାତା ନଂ. | ପ୍ଲଟ ନଂ. | ଆବେଦନ ରକବା ଏ. | ରେକର୍ଡ ଅନୁଯାୟୀ କିସମ | ପ୍ରସ୍ତାବିତ କିସମ |
|---|---|---|---|---|---|
| ଠେଲକୋଲୋଇ | ୨୧୭ (ଆବାଦ ଯୋଗ୍ୟ ଅନାବାଦୀ) | ୬୮୩/୪୬୬୨ | ୪.୬୦୦ | ଜଳଭଣ୍ଡାର | ପତିତ |

23/5/23
ତହସିଲଦାର, ରେଙ୍ଗାଲି
TAHASILDAR
Rengali (Sambalpur)

*ଜ୍ଞାପକ ସଂଖ୍ୟା* 763 *ତା:* 23/05/2023

ଏହାର ଏକ କିତା ନକଲ ସଂପୃକ୍ତ ଗ୍ରାମର ମଧ୍ୟସ୍ଥଳିରେ ଜାରିକରିବା ପାଇଁ ଓ ରାଜସ୍ୱ ନିରୀକ୍ଷକ **ଲପଙ୍ଗା** ଙ୍କ କାର୍ଯ୍ୟାଳୟ / ଗ୍ରାମ ପଞ୍ଚାୟତ **ଠେଲକୋଲୋଇ** ଏବଂ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

23/5/23
ତହସିଲଦାର, ରେଙ୍ଗାଲି
TAHASILDAR
Rengali (Sambalpur)

*ଜ୍ଞାପକ ସଂଖ୍ୟା* 764 *ତା:* 23/05/2023

ଏହାର ଏକ କିତା ନକଲ ଜିଲ୍ଲା ସୁଚନା ଅଧିକାରୀ (DIO NIC, Sambalpur) ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାର କୁ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

23/5/23
ତହସିଲଦାର ରେଙ୍ଗାଲି
TAHASILDAR
Rengali (Sambalpur)